ସୂଚନା ଓ ଲୋକ ସଂପର୍କ ବିଭାଗ
Information & Public Relations Department
Government of Odisha, Bhubaneswar-751001
Phone : (91-674) 2536736 /2390818 (Fax)
e-mail : iprsec.or@nic.in

# ନିର୍ମାଣ ଶ୍ରମିକମାନଙ୍କ ଅକ୍ଳାନ୍ତ ପରିଶ୍ରମ ହିଁ ରାଜ୍ୟ ବିକାଶଧାରାକୁ ଆଗେଇ ନେଇଛି
: ଶ୍ରୀ ସୁବାସ ସିଂହ

ଭୁବନେଶ୍ୱର, ୧୪ ଫେବୃଆରୀ ୨୦୨୦

ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ୨୭ତମ ବୈଠକ ଆଜି ଶ୍ରମ ଆୟୁକ୍ତଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ରାଜ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧକ୍ଷ ଶ୍ରୀ ସୁବାସ ସିଂହ ଅଧକ୍ଷତା କରି କହିଲେ ଯେ ନିର୍ମାଣ ଶ୍ରମିକମାନଙ୍କର ଅକ୍ଳାନ୍ତ ପରିଶ୍ରମ ଯୋଗୁଁ ରାଜ୍ୟରେ ବିକାଶର ଧାରା ଆଗେଇ ଚାଲିଛି । ବର୍ତ୍ତମାନ ରାଜ୍ୟ ଶ୍ରମ ବିଭାଗ ତଥା କଲ୍ୟାଣ ବୋର୍ଡର କାର୍ଯ୍ୟଧାରାରେ ୫ 'ଟି' କାର୍ଯ୍ୟପଦ୍ଧତି ଆରମ୍ଭ କରାଯାଇଛି । ଉଭୟ ପଞ୍ଜୀକରଣ ଓ ସହାୟତା ପ୍ରଦାନକୁ ସଂପୂର୍ଣ୍ଣ ଅନ୍‌ଲାଇନ୍ କରାଯିବା ସହ ବ୍ୟବସ୍ଥାରେ ଅଧିକ ସ୍ୱଚ୍ଛତା ପାଇଁ କାର୍ଯ୍ୟକ୍ଷେତ୍ରରେ ପଞ୍ଜୀକରଣକୁ ଅଧିକ ଗୁରୁତ୍ୱାରୋପ କରାଯାଉଛି ।

ଏହି ପରିପ୍ରେକ୍ଷରରେ ସୂଚନା ଦେଇ ବୋର୍ଡର ଅଧକ୍ଷ ଶ୍ରୀ ସିଂହ କହିଥିଲେ କି ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ଅଦ୍ୟାବଧି ୨୯ ଲକ୍ଷରୁ ଊର୍ଦ୍ଧ୍ୱ ନିର୍ମାଣ ଶ୍ରମିକଙ୍କୁ ପଞ୍ଜୀକୃତ କରାଯାଇ ମୋଟ ୧୫୧୮ କୋଟି ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି । ଉଭୟ ପଞ୍ଜୀକରଣ ଓ କଲ୍ୟାଣକାରୀ ଯୋଜନାର ଖର୍ଚ୍ଚରେ ସମଗ୍ର ଦେଶରେ ଓଡ଼ିଶାର ସ୍ଥାନ ଦ୍ୱିତୀୟ । ପଞ୍ଜୀକୃତ ନିର୍ମାଣ ଶ୍ରମିକଙ୍କୁ ଶିକ୍ଷାବୃତ୍ତି, ବିବାହ, ପ୍ରସୂତି, ଯନ୍ତ୍ରପାତି, ସାଇକେଲ ଓ ନିରାପତ୍ତା ଉପକରଣ କ୍ରୟ, ଦୁର୍ଘଟଣା, ମୃତ୍ୟୁ, ଅନ୍ତ୍ୟେଷ୍ଟିକ୍ରିୟା, ସ୍ୱାସ୍ଥ୍ୟ ଆଦି ସକାଶେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି । ରାଜ୍ୟର ପ୍ରବାସୀ ନିର୍ମାଣ ଶ୍ରମିକମାନଙ୍କୁ କଲ୍ୟାଣ ବୋର୍ଡ ଅଧୀନରେ ପଞ୍ଜୀକୃତ କରାଯାଇ ନିର୍ମାଣ ଶ୍ରମିକଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ସୁବିଧା ସୁଯୋଗ ଦିଆଯାଉଛି ।

ଏଥି ସହିତ କଲ୍ୟାଣ ବୋର୍ଡ ଦ୍ୱାରା ରାଜ୍ୟ ସରକାରଙ୍କ ବିଭିନ୍ନ ବିଭାଗର ସହଭାଗିତାରେ ନୂତନ ଭାବେ 'ନିର୍ମାଣ ଶ୍ରମିକ ପକ୍କା ଘର ଯୋଜନା', 'ନିର୍ମାଣ ଶ୍ରମିକ ପେନ୍‌ସନ୍ ଯୋଜନା' ଓ ସରକାରୀ ଆଇ.ଟି.ଆଇ ଓ ଡିପ୍ଲୋମା ଅନୁଷ୍ଠାନରେ ଶିକ୍ଷା ନିମନ୍ତେ 'ନିର୍ମାଣ କୁସୁମ ଯୋଜନା' ଏବଂ ପ୍ରବାସୀ ନିର୍ମାଣ ଶ୍ରମିକମାନଙ୍କ ସାମୟିକ ରହଣି ପାଇଁ ନିର୍ମାଣ ଶ୍ରମିକ 'ଆଶ୍ରୟ ଯୋଜନା' କାର୍ଯ୍ୟକାରୀ କରାଯାଉଛି । ପ୍ରବାସୀ ଓଡ଼ିଆ ଶ୍ରମିକମାନଙ୍କର ସୁରକ୍ଷା ନିମନ୍ତେ ଦିଲ୍ଲୀ, ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ତେଲେଙ୍ଗାନା ରାଜ୍ୟରେ ଓଡ଼ିଶା ପ୍ରବାସୀ ଶ୍ରମିକ ସହାୟତା କେନ୍ଦ୍ର ସ୍ଥାପନ କରାଯିବା ସହ ଓଡ଼ିଶା ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା ବୋର୍ଡ ଅଧୀନରେ ହିତାଧିକାରୀ ପଞ୍ଜୀକରଣ କାର୍ଯ୍ୟ ଆରମ୍ଭ କରି ସେମାନଙ୍କ କଲ୍ୟାଣ ନିମନ୍ତେ ସ୍ୱାସ୍ଥ୍ୟ, ଦୁର୍ଘଟଣା ଓ ମୃତ୍ୟୁକାଳୀନ ସହାୟତାରେ ବ୍ୟବସ୍ଥା କରାଯାଇଛି ।

ଏହି ବୈଠକରେ ରାଜ୍ୟ ଶ୍ରମ ଆୟୁକ୍ତ ଏନ୍. ଥିରୁମାଳା ନାୟକ, ଅତିରିକ୍ତ ଶ୍ରମ ଆୟୁକ୍ତ ଉପେନ୍ଦ୍ର କୁମାର ମହନ୍ତ, ସ୍ୱତନ୍ତ୍ର ଶାସନ ସଚିବ ଶରତ କୁମାର ମିଶ୍ର, ଯୁଗ୍ମ ଶାସନ ସଚିବ ଆଶୋକ କୁମାର ପଣ୍ଡା, ପ୍ରଭାଗୀୟ ଶ୍ରମ ଆୟୁକ୍ତ ବିଘ୍ନଜିତ ମହନ୍ତ ମହାପାତ୍ରଙ୍କ ସମେତ ଅନ୍ୟାନ୍ୟ ପଦାଧିକାରୀ ଓ ବୋର୍ଡର ସଦସ୍ୟମାନେ ଉପସ୍ଥିତ ଥିଲେ । ନିର୍ମାଣ ଶ୍ରମିକମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବୋର୍ଡର ସଦସ୍ୟ ଶ୍ରୀ ସୁରେନ୍ଦ୍ର ସାଏ, ଶ୍ରୀମତୀ ପ୍ରଣତି ମିଶ୍ର, ଶ୍ରୀ ଲଳିତ ନାଏକ, ଶ୍ରୀ ସୁରେଶ ଚନ୍ଦ୍ର ରାଉତରାୟ ଓ ଶ୍ରୀ ପ୍ରଶାନ୍ତ ପାଢଯୋଶୀ ପ୍ରମୁଖ ଏହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ ।

ସଚ୍ଚିଦାନନ୍ଦ ବେହେରା
ସୂଚନା ଅଧିକାରୀ